# ପାଠ-୪-କବିତା : ମଙ୍ଗଳେ ଅଇଲା ଉଷା

## ସ୍ୱଭାବ କବି – ଗଙ୍ଗାଧର ମେହେର

## ଶ୍ରେଣୀ – ଦଶମ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

ODM EDUCATIONAL GROUP
Changing your Tomorrow



ପ୍ରକୃତିକୁ ମାନବ ଚରିତ୍ର ଭଳି ଉପସ୍ଥାପନ କରିବାରେ କବିଙ୍କର ସିଦ୍ଧହସ୍ତତା ପ୍ରତିଫଳିତ ।

ପ୍ରକୃତିକୁ ମାନବ ଚରିତ୍ର ଭଳି ଉପସ୍ଥାପନା

**General Objectives – (ସାଧାରଣ ଆଭିମୁଖ୍ୟ) – ବାଲ୍ମୀକି ଆଶ୍ରମରେ ରହୁଥିବା ନିର୍ବାସିତା ସୀତାଙ୍କୁ ପ୍ରକୃତି ରାଣୀ ଉଷା ଦର୍ଶନ କରିବାର ଅଭିଳାଶ ନେବା ସହିତ ସୀତାଙ୍କ ଦୁଃଖରେ ସହଭାଗିତା ହେବା ରୂପାୟିତ ।**

## Expected Learning Outcome

୧.	ନାରୀ ଜାତି ପ୍ରତି ସମବେଦନା ଏବଂ ସହାନୁଭୂତିଶୀଳତା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ।

୨.	ସର୍ବ ମଙ୍ଗଳମୟ ତାର ସୂଚନା ପ୍ରଦାନ କରି ମଙ୍ଗଳମୟୀ ଉଷା ବିକଶିତ ପଦ୍ମ ପୁଷ୍ପର ସୌନ୍ଦର୍ଯ୍ୟରେ ସୁଦୃଶା ହୋଇ ଯୋଗେଶ୍ୱରୀ ବେଶରେ ଆସୀନା ହେବାର ସୂଚନା ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବା ।

୩.	ବିପଦରେ ପଡିଥିବା ଲୋକଙ୍କୁ ତୁରନ୍ତ ସାହାଯ୍ୟ ଏବଂ ସହାନୁଭୂତି ପ୍ରଦାନ କରିବା ।

୪.	ପର ଦୁଃଖରେ ଦୁଃଖୀ ହେବା ।

୫.	"ଅତିଥିଦେବୋ ଭବଃ" – ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ – ଏହି ମହାଭାରତୀୟ ଭାବନାରେ ଛାତ୍ରଛାତ୍ରୀମାନଙ୍କୁ ଜାଗ୍ରତ କରିବା ।

## ପୂର୍ବପାଠର ଆଲୋଚନା –

୧. ଗଙ୍ଗାଧର ମେହେରଙ୍କୁ କେଉଁ କବି କୁହାଯାଏ ?

୨. ତାଙ୍କର ଦୁଇଟି ସାହିତ୍ୟକୃତିର ନାମ କୁହ ?

୩. ତପସ୍ୱିନୀ କାବ୍ୟର କେଉଁ ସର୍ଗରୁ ଆଲୋଚ୍ୟ କବିତା ସଂଗୃହୀତ ?

୪. ବିକଚ – ଶବ୍ଦର ଅର୍ଥ କ'ଣ ?

୫. ବାଲ୍ମୀକି ଆଶ୍ରମକୁ କିଏ ଆସିଛି ?

# ମଙ୍ଗଳେ ଅଇଲା ଉଷା

ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକ ଜର୍ଜ୍ଜରିତ ଚିତ୍ତ- ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ,
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ । । ୬ ।








ବୋଇଲେ ତାକୁ ପ୍ରଶଂସି, "ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ।"। ୭ ।








ଉତ୍ସୁକ ହୃଦୟେ ରାତ୍ରୀ- ଶେଷରେ ଆଶ୍ରମଧାତ୍ରୀ
ତମସା ନିର୍ମଳ-ଗାତ୍ରୀ ପବିତ୍ର-ଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ ।। ୮ ।

ଉଟଜୁ ତାପସକନ୍ୟା- ଗଣଙ୍କ ଆଦର-ବନ୍ୟା

ପ୍ଲାବନେ ଜଗତ-ଧନ୍ୟା-ସତୀ ରତନ

ବାହାରି ଅବଗାହନେ ଅନୁକମ୍ପାଙ୍କ ଗହଣେ

ତମସା ଧାର ବହନେ କଲେ ଗମନ;

ସତୀଙ୍କି ତମସା ଅଙ୍କରେ

ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ। ।୯।





ଅମୃତ ମଧୁର ସ୍ୱରେ                    ଭାଷିଲା ପରିତୋଷରେ
"ମାଆଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର                    ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।"    । ୧୦ ।





ODM EDUCATIONAL GROUP
Changing your Tomorrow

ବାଲ୍ମିକୀ ଆଶ୍ରମରେ ନିର୍ବାସିତା ସୀତାଙ୍କୁ ପ୍ରକୃତି ସ୍ୱାଗତ କରିବା ।

ପଦ-ମଙ୍ଗଳେ ଅଇଲା ଉଷା................ ମର୍ତ୍ତ୍ୟ ଭୁବନ ।

ବିକଶିତ ପଦ୍ମଫୁଲର ଦୃଷ୍ଟି ନେଇ ଧରାପୃଷ୍ଠକୁ ଉଷାର ଆଗମନ ।

ଯୋଗେଶ୍ୱରୀ ବେଶରେ ଉଷା ବା ବ୍ରାହ୍ମ ମୁହୂର୍ତ୍ତର ପୃଥିବୀ ପୃଷ୍ଠକୁ ଆଗମନ ।

ଶବ୍ଦାର୍ଥ :

ବିକଚ - ପ୍ରସ୍ଫୁଟିତ, ବିକଶିତ

ରାଜୀବ ଦୃଶା - ପଦ୍ମ ସଦୃଶ ଦୃଷ୍ଟି ବା ଚାହାଣି

ନୀହାର – ଶିଶିର

ପଲ୍ଲବ – କଅଁଳିଆ ପତ୍ର

କଳକଣ୍ଠ – କୋଇଲି

ODM EDUCATIONAL GROUP
Changing your Tomorrow

କଠନ ଶବ୍ଦାଥ :

| | | |
|---|---|---|
| ପଦ୍ମିନୀ | - | ପଦ୍ମ |
| ଉତ୍ଥିତ | - | ଉଠିବା ,ଠିଆ ହେବା |
| ତିମିର ବିଧ୍ୱଂସୀ | - | ଅନ୍ଧାର ନାଶ କାରୀ |
| ଆଗମନଶଂସୀ | - | ଆଗମନ ସୂଚକ |
| ଉଟଜ | - | କୁଡ଼ିଆ ,ମୁନି ,ଆଶ୍ରମ |
| ରଘୁ ବଂଶିକେ | - | ରଘୁ ବଂଶଜ ମାନେ |
| ସବିନୟ ରେ | - | ନମ୍ରତା ର ସହିତ |
| ତାପସ | - | ମୁନି |
| ରବି | - | ସୂର୍ଯ୍ୟ |
| ଅଙ୍କ | - | କୋଳ |
| ଅବଗହାନେ | - | ସ୍ନାନ ନିମିତ |
| ମାନସ ରେ | - | ମନ ରେ |
| ପରିତୋଷରେ | - | ସନ୍ତୁଷ୍ଟ ହୋଇ |

ବିଭିନ୍ନ ଉଦାହରଣ ମାଧ୍ୟମରେ ଉଷାଙ୍କର ଆଗମନକୁ କବିଙ୍କ ସ୍ୱାଗତ ।

ବ୍ୟାକରଣ ଗତ ଶବ୍ଦ - ନୀହାର ମୁକ୍ତା - ନୀହାର ରୂପକ ମୁକ୍ତା – ରୂପକ କର୍ମଧାରୟ ସମାସ

**ଗୃହକର୍ମ :**

୧୦ଟି MCQ ପ୍ରସ୍ତୁତ କର ।

ଶବ୍ଦାର୍ଥ ମୁଖସ୍ଥ କର ।

**THANKING YOU**

**ODM EDUCATIONAL GROUP**